# ଫସଲ ବୀମା ରାଶିରୁ ବଞ୍ଚିତ ଚାଷୀଙ୍କ ଆନ୍ଦୋଳନ

- ଘେରିଲେ ସମବାୟ ସମିତି କାର୍ଯ୍ୟାଳୟ
- ୨ ସପ୍ତାହ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ପୁଣି ଆନ୍ଦୋଳନ

**ସିଂହପୁର,୨୧।୯ (ଅନଙ୍ଗ ଉଦୟ ବେହୁରିଆ):**

ପ୍ରଧାନ ମନ୍ତ୍ରୀ ଫସଲ ବୀମାରାଶି ପ୍ରଦାନ ଦାବିରେ ଗୁରୁବାର ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି କୃଷି ସେବା ସମବାୟ ସମିତି କାର୍ଯ୍ୟାଳୟ ଘେରାଉ କରିଛନ୍ତି ଶତାଧିକ ଚାଷୀ। ପୂର୍ବାହ୍ନରେ ଚାଷୀମାନେ ୩ ଘଣ୍ଟା କାଳ ଏହି ଆନ୍ଦୋଳନ କରିଥିଲେ। ପୋଲିସ ଆସି ବୁଝାଶୁଝା କଲାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହାପରେ ସମିତି ସଭାପତି, ସମ୍ପାଦକ, ସମିତିର ବୋର୍ଡ ସଦସ୍ୟା, ସଦସ୍ୟ, ଜରି ସରପଞ୍ଚ, ପ୍ରାକ୍ତନ ସରପଞ୍ଚ, ଚାଷୀ ନେତୃବୃନ୍ଦ ବସି ଚାଷୀଙ୍କ ଦ୍ୱାରା ପ୍ରଦତ୍ତ ୩ ଦଫା ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ଦୁଇ ସପ୍ତାହ ମଧ୍ୟ ଚାଷୀଙ୍କ ଦାବିପୂରଣ କରାଯିବ ବୋଲି ସମିତିର ସଭାପତି ଦିଲୀପ ରାଉତ ଓ ସମ୍ପାଦକ ଗୋପାଳ ସ୍ୱାଇଁ ଉଦ୍ୟକ୍ତ ଚାଷୀଙ୍କୁ ଜଣାଇବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।


ଚାଷୀମାନେ ଜରି କୃଷି ସେବା ସମବାୟ ସମିତି କାର୍ଯ୍ୟାଳୟ ଘେରାଉ କରିଛନ୍ତି ।

ଚାଷୀଙ୍କ କହିବା ଅନୁସାରେ, ଜରି ପଞ୍ଚାୟତରେ ୨୦୨୩ ଖରିଫ ଋତୁରେ ଶତକଡ଼ା ୩୭ ଭାଗ ଫସଲ କ୍ଷତି ହୋଇଛି। ସେହି ଆଧାରରେ ପଞ୍ଚାୟତର ବୀମା ଭୁକ୍ତ ଚାଷୀଙ୍କ ଜମାଖାତାକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ଆସିଥିବାବେଳେ ବହୁ ଚାଷୀ ଏହି ଅର୍ଥ ପାଇବାରୁ ବଞ୍ଚିତ ହୋଇଛନ୍ତି। ବଞ୍ଚିତ ଚାଷୀ ବାରମ୍ବାର ସମବାୟ ସମିତି କାର୍ଯ୍ୟାଳୟକୁ ଯାଇ ନିରାଶ ହେବାପରେ ଶେଷରେ ସମବାୟ ସମିତି କାର୍ଯ୍ୟାଳୟକୁ ଯାଇ ଲିଖିତ ଦାବିପତ୍ର ଦେବା ସହିତ ଘେରାଉ କରିଥିଲେ। ଚାଷୀଙ୍କ ମୁଖ୍ୟ ଦାବିଗୁଡିକ ମଧ୍ୟରେ ୨୦୨୨ ଖରିଫ ଋତୁରେ ଜରି ସମବାୟ ସମିତିର ପଞ୍ଜୀକୃତ ହୋଇଥିବା ବିମାଭୁକ୍ତ ଚାଷୀଙ୍କ ନାମ, ସଭ୍ୟ ନମ୍ବର, ପିତାଙ୍କ ନାମ, ବିମାଭୁକ୍ତ ଜମିର ପରିମାଣ, ଦାଖଲ ହୋଇଥିବା ପ୍ରିମିୟମ ଅର୍ଥର ପରିମାଣ, ପଲିସି ନମ୍ବର ଯୋଗାଇଦେବା ସହିତ ୨୦୨୩ ଖରିଫ ଋତୁରେ ଚାଷୀଙ୍କ ଋଣ ଟଙ୍କାରୁ ବେଆଇନ ଭାବେ ସମିତିର ସମ୍ପାଦକ ବୀମା ପ୍ରିମିୟମ ରାଶି ମନମୁଖୀ କାଟିଥିବାରୁ ଏହାକୁ ତୁରନ୍ତ ଫେରସ୍ତ କରିବାକୁ କୁହାଯାଇଛି।

ସରକାର ଚଳିତ ୨୦୨୩ ଖରିଫ ଋତୁରୁ୨୦୨୫ ପର୍ଯ୍ୟନ୍ତ ଚାଷୀଙ୍କଠାରୁ ମାତ୍ର ପ୍ଲଟ ପ୍ରତି ଏକ ଟଙ୍କା ପ୍ରିମିୟମ ରାଶି କଟା ଯିବାକୁ ଘୋଷଣା କରିଥିବାବେଳେ ସରକାରଙ୍କ ଲିଖିତ ନିର୍ଦ୍ଦେଶନାମାକୁ ବେଖାତିର କରି ବହୁ ସମବାୟ ସମିତିରେ ଚାଷୀଙ୍କୁ ଶୋଷଣ କରି ମୋଟ ଅଙ୍କର ପ୍ରିମିୟମ ରାଶି କଟାଯାଉଥିବା ଚାଷୀ ନେତୃବୃନ୍ଦ ଅଭିଯୋଗ କରିଆସୁଛନ୍ତି। ଚାଷୀଙ୍କୁ ସମବାୟ ସମିତିରୁ ସାର ମିଳୁ ନ ଥିବା ସମ୍ପର୍କରେ ମଧ୍ୟ ବହୁ ଚାଷୀ ଅଭିଯୋଗ କରିଥିଲେ।

ଆନ୍ଦୋଳନରେ ଓଡ଼ିଶା କୃଷକ ବିକାଶ ମଞ୍ଚର ସମ୍ପାଦକ ଭୁବନାନନ୍ଦ ସାମଲ, ଜରି ସରପଞ୍ଚ ନନ୍ଦକିଶୋର ମଳିକ, ପ୍ରମୋଦ ସାମଲ, ଉମାକାନ୍ତ ଦାସ, ସନ୍ତୋଷ ଧଳ, ମନୋଜ ସାମଲ, ସୁବ୍ରତ ସାମଲ, ନବକିଶୋର ଯେନା, ଗୋପାଳ ଯେନା, ପଦ ମଳିକ, ବଟକୃଷ୍ଣ ମଳିକ, ସରସ୍ୱତୀ ମଳିକ, ବିଚିତ୍ର ମଳିକ, ରଙ୍କ ମଳିକ, ମଧୁ ମଳିକ, ରାମଚନ୍ଦ୍ର ବେହେରା, ବସନ୍ତ ମଳିକ, କିଶୋର ମଳିକ, ରତ୍ନାକର ମଳିକ, ନିମାଇଁ ଦାସ, ମାଧବ ମଳିକ, ନବକିଶୋର ମଳିକ ପ୍ରମୁଖ ନେତୃତ୍ୱ ନେଇଥିଲେ। ଯଦି ଦୁଇ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହୁଏ ତେବେ ବୀମାରୁ ବଞ୍ଚିତ ଚାଷୀ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣାରେ ବସି ରହିବା ସହିତ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଆଇନ ଶୃଙ୍ଖଳା ରକ୍ଷା ପାଇଁ ଜରି ଫାଣ୍ଡି ଅଧିକାରୀ ଇନ୍ଦ୍ରମଣି ଜୁଆଙ୍ଗଙ୍କ ସମେତ କେତେଜଣ ପୋଲିସ କର୍ମଚାରୀ ଓ ଯାଜପୁରର ସ୍ପେସାଲ ବ୍ରାଞ୍ଚ ଅଧିକାରୀ ଉପସ୍ଥିତ ଥିଲେ।

## ମନିପର୍ସ ପାଇ ଫେରାଇଲେ ସୀମାଦ୍ରି


ସୀମାଦ୍ରି ପ୍ରସାଦ ମିଶ୍ର ମନି ପର୍ସ ଫେରାଉଛନ୍ତି ।

**ଯାଜପୁରରୋଡ୍,୨୧।୯ (ପବିତ୍ର ରଞ୍ଜନ ମହାନ୍ତି):**
ଯାଜପୁର ରୋଡ୍‌ସ୍ଥିତ ଚୋରଦା ଛକରୁ ଏକ ମନିପର୍ସ ପାଇବା ପରେ ତାହାକୁ ଫେରାଇ ମାନବିକତାର ପରିଚୟ ଦେଇଛନ୍ତି କହ୍ନେଇପୁରର ସୀମାଦ୍ରୀ ପ୍ରସାଦ ମିଶ୍ର। ସେ ଗତ ବୁଧବାର ସକାଳ ପ୍ରାୟ ୬ଟାରେ କୌଣସି କାର୍ଯ୍ୟରେ ଯାଜପୁରରୋଡ ନିକଟସ୍ଥ ରମ୍ଭାସ ଗ୍ରାମକୁ ଯାଇ ଫେରିବାବେଳେ ରାସ୍ତାରେ ପଡ଼ିଥିବା ଏକ ମନିପର୍ସ ପାଇଥିଲେ। ଏହି ପର୍ସ ଭିତରେ ୯,୫୦୦ ଟଙ୍କା ସହ ଆଧାର କାର୍ଡ, ପ୍ୟାନ କାର୍ଡ, ଭୋଟର କାର୍ଡ ଓ ମେଡିକାଲ ପ୍ରେସକ୍ରିପସନ ଭଳି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା। ହେଲେ ଫୋନ ନମ୍ବର ନ ଥିବାରୁ ହଜିଥିବା ବ୍ୟକ୍ତିଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିଲା। ଏନେଇ ଖବରଦାତା ପ୍ରଦ୍ୟୁମ୍ନ ବୋଇତାଇ, ପ୍ରଦୀପ ସେଠୀ, ବଳରାମ ମହାନ୍ତି ଓ ରାମେଶ୍ୱର ମହଲାଙ୍କ ଉପସ୍ଥିତରେ ମନିପର୍ସ ଭିତରେ ଥିବା ଏକ ଶୋ'ରୁମ ବିଲରୁ ଶୋ'ରୁମକୁ ଯୋଗାଯୋଗ କରାଯିବାରୁ ପର୍ସ ହଜିଥିବା ବ୍ୟକ୍ତିଙ୍କ ମୋବାଇଲ ନମ୍ବର ମିଳିଥିଲା। ଉକ୍ତ ନମ୍ବରରେ ଯୋଗାଯୋଗ କରିବାରୁ ମନିପର୍ସ ହଜିଥିବା ବ୍ୟକ୍ତି ଜଣକ ରମ୍ଭାସ ଅଞ୍ଚଳର ସୁଶାନ୍ତ କୁମାର ସାହୁ ବୋଲି ଜଣା ପଡ଼ିଥିଲା। ସୁଶାନ୍ତ ମାର୍କେଟ ଯାଉଥିବାବେଳେ ଅସାବଧାନତା ବଶତଃ ତାଙ୍କ ପ୍ୟାଣ୍ଟ ପକେଟରୁ ମନିପର୍ସଟି କେଉଁଠାରେ ଗଳି ପଡ଼ିଥିଲା ବୋଲି ସେ କହିଥିଲେ। ଏହାପରେ ସେ ତୁରନ୍ତ ଆସି ଚୋରଦା ଛକସ୍ଥିତ ମହାବୀର ଭେରାଇଟ ଷ୍ଟୋରରେ ପହଞ୍ଚି ଥିଲେ। ପରେ ଖବରଦାତା ବୋଇତାଇ ଓ ଅନ୍ୟ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ତାଙ୍କୁ ତାଙ୍କର ସମସ୍ତ ଟଙ୍କା କାଗଜ ପତ୍ର ସହ ମନିପର୍ସ ହସ୍ତାନ୍ତର କରାଯାଇଥିଲା। ସୁଶାନ୍ତ ନିଜର ହଜିଥିବା ଟଙ୍କା ଓ ପର୍ସ ପାଇ ବେଶ ଖୁସିବ୍ୟକ୍ତ କରି ସୀମାଦ୍ରୀଙ୍କୁ ସାଧୁବାଦ ଜଣାଇବା ସହ ତାଙ୍କର ଦୀର୍ଘାୟୁ କାମନା କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବିଞ୍ଝାରପୁରବାସୀ

**ବିଞ୍ଝାରପୁର,୨୧।୯(ରାମକୃଷ୍ଣ ଦାସ):**

### ବାଚସ୍ପତି ନିର୍ବାଚନ ପାଇଁ ନାମାଙ୍କନ ଭରିଲେ ପ୍ରମିଳା

ବିଧାନସଭା ବାଚସ୍ପତି ନିର୍ବାଚନ ପାଇଁ ଗୁରୁବାର ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ବିଜୁ ଜନତା ଦଳର ବାଚସ୍ପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ତେବେ ବିଜୁ ଜନତା ଦଳର ସଂଖ୍ୟା ଗରିଷ୍ଠତା ଓ ଅନ୍ୟ ଦଳର କୌଣସି ପ୍ରାର୍ଥୀ ନାମାଙ୍କନ ଭରି ନ ଥିବାରୁ ପ୍ରମିଳା ଏକ ପ୍ରକାର ବିଧାନସଭାର ବାଚସ୍ପତି ହେବା ଧାର୍ଯ୍ୟ ହୋଇଛି। ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ହେବାର ସୌଭାଗ୍ୟ ପ୍ରମିଳା ଅର୍ଜନ କରିଛନ୍ତି।

ଏହି ଖବର ଜଣାପଡ଼ିବା ପରେ ବିଞ୍ଝାରପୁର ନିର୍ବାଚନମଣ୍ଡଳିରେ ତାଙ୍କ ସମର୍ଥକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମିଳାଙ୍କୁ ଏଭଳି ଏକ ଗୁରୁ ଦାୟିତ୍ୱରେ ଅବତିର୍ଣ୍ଣ କରାଇଥିବାରୁ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ, ସାମାଜିକ କର୍ମୀ କୈଳାସ


ପ୍ରମିଳା ମଲ୍ଲିକ

ସେଠୀ, ଉପାଧ୍ୟକ୍ଷ ସେକ୍ ଏରସାଦ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ରବୀନ୍ଦ୍ର କୁମାର ପରିଡ଼ା, ଛାତ୍ର ବିଜେଡି ସଭାପତିପତି ଲେନିନ୍ ଦାସ, ଯୁବ ବିଜେଡି ସଭାପତି ଦିଲୀପ ରାଉଳ, ସୁଖରନ ପରିଡ଼ା ଓ କାର୍ତ୍ତିକ ଧଳ ପ୍ରମୁଖ ବହୁ ବ୍ୟକ୍ତି ପ୍ରମିଳା ମଲ୍ଲିକଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହିତ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ପ୍ରମିଳା ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକଙ୍କ ଜନତା ଦଳରୁ ବିଜୟ ହୋଇ ପ୍ରଥମ ଥର ପାଇଁ ବିଧାୟିକା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଏହାପରେ ୨୦୦୦ରୁ ବିଜୁ ଜନତା ଦଳରୁ କ୍ରମାଗତ ୫ ଥର ବିଜୟ ହୋଇ ଆସିଛନ୍ତି। ପ୍ରମିଳା ନବୀନ ପଟ୍ଟନାୟକଙ୍କ ସରକାରରରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଦଳ ଓ ମୁଖ୍ୟମନ୍ତ୍ରୀଙ୍କ ଗୁଡଉଇଲରେ ରହିପାରିଛନ୍ତି। ତାଙ୍କ କ୍ୟାରିୟର ମଧ୍ୟରେ ସେ ୨ଥର ମନ୍ତ୍ରୀ, ଥରେ ଶାସକ ଦଳ ମୁଖ୍ୟ ସଚେତକ ଓ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ଭାବେ କାର୍ଯ୍ୟ ନିଜର ପାରଦର୍ଶିତା ଦେଖାଇ ପାରିଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

**କାଳିଆପାଣି,୨୧।୯(ଅସିତ ମହାନ୍ତ):**

କାଳିଆପାଣି ଥାନା ଅନ୍ତର୍ଗତ କାଳିଆପାଣି ଗାଁରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ଯୁବକ ହେଲେ ଉକ୍ତ ଗାଁର ପ୍ରକାଶ ମହାନ୍ତ। ସେ ନିଜ ସମ୍ପର୍କୀୟଙ୍କ ଘରକୁ ଏକ ଖବର କହିବାକୁ ଯାଇଥିଲେ। ଏହି ସମୟରେ କାଳିଆପାଣି ଗାଁର ଦେବେନ୍ଦ୍ର ମହାନ୍ତ ତାଙ୍କୁ କୁଆଡ଼େ ଯାଉଛ ବୋଲି ପଚାରିବା ସହ ଅଚାନକ ଆକ୍ରମଣ କରି ତଳେ ପକାଇ ଦେଇଥିଲେ। ସେଠାରେ ଉପସ୍ଥିତଥିବା ପଙ୍କଜ ମହାନ୍ତ ଓ ଉମା ମହାନ୍ତ ରଡ୍‌ରେ ପ୍ରକାଶଙ୍କ ମୁଣ୍ଡକୁ ପିଟିଥିଲେ। ସେ ଚିତ୍କାର କରିବାରୁ ଆକ୍ରମଣକାରୀ ପଳାଇଥିଲେ। ଗାଁ ଲୋକେ ପ୍ରକାଶଙ୍କୁ ଉଦ୍ଧାର କରି ସୁକିନ୍ଦା ଡାକ୍ତରଖାନାକୁ ପଠାଇ ଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ରିସିଭ୍ କରି ନ ଥିଲେ।

## ଏକଲବ୍ୟ ହାୟର ସେକେଣ୍ଡାରି ସ୍କୁଲ୍‌ର ପ୍ରବେଶ ଉତ୍ସବ

**କାଏମା,୨୧।୯(ଶିବପ୍ରସାଦ ମହାନ୍ତି)**
ଧର୍ମଶାଳା ବ୍ଲକ୍ ଅଧୀନ କଣ୍ଟିଗଡ଼ିଆ ଏକଲବ୍ୟ ହାୟର ସେକେଣ୍ଡାରି ସ୍କୁଲ୍ ପକ୍ଷରୁ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲ୍ ଅଧକ୍ଷ ଆଦିତ୍ୟ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବୀରେନ୍ଦ୍ର କୁମାର ମିଶ୍ର, ମୁଖ୍ୟବକ୍ତା ତରୁଣ କୁମାର ମହାନ୍ତି ଓ ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଦ୍ୟାଳୟ କ୍ୟାମ୍ପସରେ ପିଲାଙ୍କ ଭବିଷ୍ୟତକୁ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ନଦୀକୁ ଶୌଚ ହେବାକୁ ଯାଇ ଯୁବକ ନିଖୋଜ

**ରସୁଲପୁର,୨୧।୯(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ଗ୍ରାମର ୧୯ ବର୍ଷୀୟ ଯୁବକ ଜାନୁ ଖାଁ ଖରସ୍ରୋତା ନଦୀକୁ ଶୌଚହେବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସେ ନଦୀରେ ବୁଡ଼ିଯାଇଥିବା ସନ୍ଦେହକରି ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି ଜାରି ରହିଛି। ହେଲେ ତୁହାକୁ ତୁହା ବର୍ଷା ସାଙ୍ଗକୁ ରାତିର ଅନ୍ଧକାର ମଧ୍ୟରେ ଖୋଜାଖୋଜି ସମ୍ଭବପର ହୋଇପାରୁନାହିଁ। ଜାନୁ ଗୁରୁବାର ସକାଳ ସାଢ଼େ ୭ଟାରେ ନଦୀକୁ ଶୌଚହେବାକୁ ଆସି ଆଉ ଘରକୁ ଫେରି ନ ଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଶେଷରେ ଦେଖିଲା ବେଳକୁ ତାଙ୍କ ଚପଲ ଓ ବସ୍ତ୍ର ନଦୀକୂଳରେ ଥୁଆ ହୋଇଥିଲା। ଯୁବକ ଜଣକ ନଦୀରେ ବୁଡି ନିଖୋଜ ହୋଇଯାଇଥିବା ସନ୍ଦେହକରି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର


ଜାନୁ ଖାଁ

ଦେବା ସହ ନଦୀରେ ଖୋଜିବାକୁ ଚେଷ୍ଟା କରିଥିଲେ। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ନିଖୋଜ ଯୁବକଙ୍କୁଠାବ କରାଯାଇ ପାରି ନ ଥିଲା। ଘଟଣା ସମ୍ପର୍କରେ ସ୍ଥାନୀୟ କୁଆଖିଆ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାଯାଇଛି। ନିଖୋଜ ଯୁବକଙ୍କ ବାତରୋଗ ଥିଲା। ସେ ଶୌଚ ହେବାବେଳେ ଯଦି ବାତ ପ୍ରକୋପ ବାହାରି ଥିବ ତେବେ ସେ ପାଣିରେ ପଡ଼ି ନିଖୋଜ ହୋଇଯାଇ ଥାଇପାରନ୍ତି ବୋଲି ଗାଁ ଲୋକେ କହିଛନ୍ତି।

## ନଦୀକୁ ଡେଇଁ ବୃଦ୍ଧା ନିଖୋଜ

**ବିଞ୍ଝାରପୁର,୨୧।୯(ରାମକୃଷ୍ଣ ଦାସ):**
ବିଞ୍ଝାରପୁର ଥାନା ଅନ୍ତର୍ଗତ ବରପଦା ପଞ୍ଚାୟତ ବିଦାପଡ଼ା ଗ୍ରାମର ସ୍ୱର୍ଗତ ଶ୍ରୀଧର ଦାସଙ୍କ ସ୍ତ୍ରୀ ସତ୍ୟଭାମା ଦାସ(୮୦) ବୁଧବାର ସନ୍ଧ୍ୟାରେ ବିଞ୍ଝାରପୁର ଛକ ନିକଟ ଖରସ୍ରୋତା ନଦୀର ବିଞ୍ଝାରପୁର ବାଣପୁର ସେତୁ ଉପରୁ ନଦୀକୁ ଡେଇଁ ନିଖୋଜ ହୋଇ ଯାଇଛନ୍ତି। ଅପରାହ୍ନରେ ସତ୍ୟଭାମା ଘରୁ ପଳାଇ ଆସିଥିଲେ। ବୃଦ୍ଧା ଜଣଙ୍କ ନଦୀକୁ ଡେଇଁବାର ଲୋକେ ଦେଖି ପୋଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ବିଞ୍ଝାରପୁର ଅଗ୍ନିଶମ ବାହିନୀ ପହଞ୍ଚି ନଦୀରେ ବହୁ ସମୟ ଧରି ଖୋଜାଖୋଜି କରୁଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ପାରି ନ ଥିଲା। ପାରିବାରିକ କଳହ କାରଣରୁ ବୃଦ୍ଧା ଜଣଙ୍କ ଏଭଳି ଚରମ ନିଷ୍ପତ୍ତି ଗ୍ରହଣ କରିଥିବା ଚର୍ଚ୍ଚା ହେଉଛି। ବୃଦ୍ଧାଙ୍କର ଗୋଟିଏ ମାତ୍ର ପୁଅ। ସେ ଜିଲା ବାହାରେ କ୍ଷୁଦ୍ର ବ୍ୟବସାୟ କରୁଥିବାବେଳେ ଗ୍ରାମରେ ବୃଦ୍ଧା ନିଜ ପୁତ୍ରବଧୂଙ୍କ ସହିତ ରହୁଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ କରାଯାଇନାହିଁ। ତେବେ ବୃଦ୍ଧାଙ୍କ ନଦୀକୁ ଡେଇଁବା ପଛରେ କାରଣ କ'ଣ ରହିଛି ତାହାକୁ ଲୋକଲୋଚନକୁ ଆଣିବା ପାଇଁ ପୋଲିସ ନିକଟରେ ଦାବି ହୋଇଛି।

## ଜିଲାସ୍ତରୀୟ କବାଡ଼ି, ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟିତ

**ଧର୍ମଶାଳା,୨୧।୯(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଟପୁର ଜାଗୁଲାଇ ହାଇସ୍କୁଲ୍ ଖେଳ ପଡ଼ିଆରେ ଗୁରୁବାର ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ଓ ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ତତ୍ତ୍ୱାବଧାନରେ ୨ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାକୁ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂ, ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାସ, ଧର୍ମଶାଳା ବ୍ଲକ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ଓ ଜାଗୁଲାଇ ହାଇସ୍କୁଲ ପ୍ରଧାନଶିକ୍ଷକ ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କ୍ରୀଡ଼ାରେ ସ୍କୁଲର ୧୪ ଓ ୧୭ ବର୍ଷରୁ କମ ବାଳିକା ଓ ବାଳକ ଭାଗ ନେଇଛନ୍ତି।


ଅତିଥି ଓ ଶିକ୍ଷକଙ୍କ ଗହଣରେ ଖୋଖୋ ଖେଳାଳିମାନେ।

ପ୍ରତିଯୋଗିତାରେ ଜିଲାର ୧୦ ବ୍ଲକରୁ ମୋଟ ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏଠାରୁ ଚୟନ ହୋଇଥିବା କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ ବୋଲି ଜିଲା ଶିକ୍ଷା ଅଧିକାରୀ ପାଣି ସୂଚନା ଦେଇଛନ୍ତି। ଖୋଖୋ ବାଳକ ବିଭାଗରେ ଦାନଗଦି ବ୍ଲକ ଚାମ୍ପିୟନ ଓ ବିଞ୍ଝାରପୁର ବ୍ଲକ ରନର୍ସଅପ ହୋଇଛି। ଖୋଖୋ ବାଳିକା ବିଭାଗରେ ରସୁଲପୁର ଚାମ୍ପିୟନ ହୋଇଥିବାବେଳେ ସୁକିନ୍ଦା ବ୍ଲକ ରନର୍ସଅପ ହୋଇଛି। ଶିକ୍ଷକ ନିର୍ମଳ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶଶିକାନ୍ତ


@ ପ୍ରସନ୍ନ


@ ସନମ


@ ସୁବ୍ରତ


@ ଶୁଭମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚିଙ୍ଗୁଡ଼ିଘେରି ପାଇଁ ଜଳ, ସ୍ଥଳ ପ୍ରଭାବିତ

- ଭିତରକନିକା, ଚାଷୀଙ୍କ ପାଇଁ ବଢ଼ୁଛି ବିପଦ
- ୨୦ ହଜାର ଏକରରୁ ଅଧିକ ଅଞ୍ଚଳରେ ହେଉଛି ମାଛଚାଷ



ରାଜନଗରରେ ଏକ ଚିଙ୍ଗୁଡ଼ି ଘେରିରେ ଲାଗିଥିବା ଏରିଏଟର।

କେନ୍ଦ୍ରାପଡ଼ା, ୨୧।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ଚିଙ୍ଗୁଡ଼ି ଘେରି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ୨୦ ହଜାରରୁ ଉର୍ଦ୍ଧ୍ୱ ଏକରରେ ହେଉଥିବା ଚାଷ ଜଳ ଓ ସ୍ଥଳଭାଗକୁ ପ୍ରଭାବିତ କରୁଛି। ଜାତୀୟଉଦ୍ୟାନ ଭିତରକନିକା ଜୈବ ବିବିଧତାକୁ ନଷ୍ଟ କରୁଛି। ସେହିପରି ଚିଙ୍ଗୁଡ଼ି ଘେରି ପାଇଁ ନାଳ ଦ୍ୱାରା ଆସୁଥିବା ଲୁଣା ପାଣି ଉପାନ୍ତ ଅଞ୍ଚଳର ଚାଷୀଙ୍କ ଲାଗି ବିପଦ ସୃଷ୍ଟି କରିଛି। ଏହି ସମସ୍ୟାର ସମାଧାନ ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ନିଜ ଆଡ଼ୁ ମାମଲା କରାଯାଇ ଏହାର ଉଚ୍ଛେଦ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଆମିକସ୍‌କ୍ୟୁରୀ ମୋହିତ ଅଗ୍ରୱାଲଙ୍କୁ ନିଯୁକ୍ତି ଦିଆଯାଇ ନିରୀକ୍ଷଣ ପାଇଁ ଦାୟିତ୍ୱ ଦିଆଯାଇଛି। ଏହା ସତ୍ତ୍ୱେ ପ୍ରଶାସନିକ ଅବହେଳା ସମସ୍ୟାର ସମାଧାନକୁ ବିଳମ୍ବିତ କରୁଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ଜ୍ୟୋତିରଞ୍ଜନ ପତ୍ରୀ କହିଛନ୍ତି, ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କାର୍ଯ୍ୟ ଜିଲା ପ୍ରଶାସନ ପକ୍ଷରୁ କିଛିମାତ୍ରାରେ ତ୍ୱରାନ୍ୱିତ ହୋଇଥିଲା। ତେବେ କେତେଜଣ ମାଲିକ ଘେରି ଅବୈଧ ହୋଇ ନ ଥିବା ଦର୍ଶାଇ ଉଚ୍ଚ ନ୍ୟାୟାଳୟରେ ୩ଟି ମାମଲା ଦାଖଲ କରିଥିଲେ। ୯ ଅଭିଯୋଗକାରୀ ଦର୍ଶାଇଛନ୍ତି ଯେ, ଜୀବନ ଜୀବିକା ପାଇଁ ନିଜ ଜମିରେ ଚିଙ୍ଗୁଡି ଚାଷ କରୁଛନ୍ତି। ଏଥିରେ ପ୍ରଦୂଷଣଜନିତ ସମସ୍ୟା ନାହିଁ। ଦ୍ୱିତୀୟ ଆବେଦନପତ୍ର ୧୭ ଜଣ ଆବେଦନକାରୀ ଦର୍ଶାଇଛନ୍ତି ଯେ, ଅତ୍ୟାଧୁନିକ ପ୍ରଣାଳୀରେ ନିଜ ଜମିରେ ଚିଙ୍ଗୁଡି ଚାଷ କରୁଛନ୍ତି। ସେହିପରି ତୃତୀୟ ଆବେଦନପତ୍ରରେ ଆଇନ ଅନୁଯାୟୀ ଚିଙ୍ଗୁଡି ଘେରି କରୁଥିବା ୧୭ ଜଣ ଆବେଦନକାରୀ ଚାଷୀ ଦର୍ଶାଇଛନ୍ତି। ଫଳରେ ବୈଧ ଓ ଅବୈଧ ଘେରିକୁ ନେଇ ପ୍ରଶ୍ନ ଉଠିବାରୁ ଚିହ୍ନଟ ପାଇଁ ଜିଲା ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି। ସାମାଜିକ କର୍ମୀ ବୀରେନ କୁମାର ଦାସ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଚିଙ୍ଗୁଡି ଘେରି ଜାତୀୟ ଉଦ୍ୟାନ ଭିତରକନିକା ଓ ଘେରି ନିକଟ ଚାଷୀଙ୍କ ପାଇଁ ବିପଦ ସାଜିଛି। ଏହା ଭିତରକନିକାର ଜୈବ ବିବିଧତାକୁ ନଷ୍ଟ କରୁଥିବା ବେଳେ ଘେରି ନିକଟ ଚାଷଜମି ଲୁଣା ପାଲଟିଛି। ଫଳରେ ଚାଷୀ ଓ ଘେରିମାଲିକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜୁଛି। ଏପରି କି ମହାକାଳପଡ଼ା, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ ଏଥିପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏହାକୁ ନେଇ ରାଜନଗର ବ୍ଲକ କୁରୁଣ୍ଡି ପଞ୍ଚାୟତରେ ଗୁଳିମାଡ଼ ଘଟଣା ହୋଇଥିଲା। ସେହିପରି ମହାକାଳପଡ଼ା ତହସିଲ ପେଟଛେଲା ରାଜସ୍ୱ ଗ୍ରାମ ଅଞ୍ଚଳରେ ୩୯ ଏକର ଗ୍ରାମ୍ୟ ଜଙ୍ଗଲ ଓ ଗୋଚରରେ ଚିଙ୍ଗୁଡ଼ି ଘେରି ନିର୍ମାଣକୁ ନେଇ ଘେରି ମାଲିକ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ରାଜକନିକା ଅଞ୍ଚଳରେ ଘେରି ପାଇଁ ନିର୍ମିତ ନାଳରେ ଲୁଣା ପାଣି ଆସୁଥିବା ନେଇ ବାଦବିବାଦ ଲାଗିଛି। ଜିଲାରେ ୨୦ ହଜାରରୁ ଅଧିକ ଏକରରେ ଚିଙ୍ଗୁଡ଼ି ଘେରି ହୋଇଛି ବୋଲି ସେ ଦର୍ଶାଇଛନ୍ତି। ପରିବେଶବିତ ହେମନ୍ତ କୁମାର ରାଉତ କହିଛନ୍ତି, ଭିତରକନିକାର ଜୈବ ବିବିଧତା ନଷ୍ଟ ହେଉଥିବା ନେଇ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଚିଙ୍ଗୁଡି ଘେରି ଉଚ୍ଛେଦ ହେଉଛି। ଘେରିରୁ ଉତ୍ପନ୍ନ ପ୍ରଦୂଷିତ ଜଳ ଓ ବାୟୁ ସ୍ଥାନୀୟ ଭିତରକନିକାକୁ ନଷ୍ଟ କରୁଛି। ଏହାର ସଦ୍ୟତମ ଉଦାହରଣ ଭିତରକନିକାର ଜଗତଯୋର ଅଞ୍ଚଳରେ ଦେଖିବାକୁ ପାଇବେ। ଘେରିରୁ ଉତ୍ପନ୍ନ ବର୍ଜ୍ୟ ଜଳ ସାମୁଦ୍ରିକ ପ୍ରାଣୀଙ୍କ କ୍ଷତି କରୁଥିବା ବେଳେ ନିକଟରେ ଥିବା ହେନ୍ତାଳବଣକୁ ନଷ୍ଟ କରୁଛି। ଭିତରକନିକା ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହୋଇ ନ ପାରିବାର ଅନ୍ୟତମ କାରଣ ଚିଙ୍ଗୁଡ଼ି ଘେରି ହୋଇଛି। ୨୦୧୬ରେ ୟୁନେସ୍କୋ ପକ୍ଷରୁ ଆସିଥିବା ଟିମ୍ ଭିତରକନିକାରେ ଚିଙ୍ଗୁଡ଼ି ଘେରିକୁ ଅନୁଧ୍ୟାନ କରି କ୍ଷୋଭ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଜଙ୍ଗଲ ଜମିରୁ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କାର୍ଯ୍ୟ ଚାଲିଛି। କେତେକ ଚିଙ୍ଗୁଡ଼ି ଘେରି ମାଲିକ ଏହାକୁ ନେଇ ଉଚ୍ଚ ନ୍ୟାୟାଳୟରେ ମାମଲା କରିଛନ୍ତି। ମାମଲାର ଆବେଦନକାରୀଙ୍କ ଘେରି ସମ୍ପର୍କରେ ତଦନ୍ତ କରାଯାଇଛି। ଅବୈଧ ଘେରି ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ଅଙ୍ଗନୱାଡି ଛତୁଆ ପ୍ୟାକେଟ୍‌ରେ ମଲା ବେଙ୍ଗ



ଛତୁଆ ପ୍ୟାକେଟ୍ ସହ ସିଡିପିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ମନୋରଞ୍ଜନ ଦାସ।

ତିର୍ତ୍ତୋଲ, ୨୧।୯
(ଗୌରାଙ୍ଗ ଚରଣ ସ୍ୱାଇଁ)

## ସିଡିପିଓଙ୍କୁ ଅଭିଯୋଗ କଲେ ଅଭିଭାବକ

ପ୍ରସୂତି ମହିଳା ଓ ୬ମାସରୁ ୩ ବର୍ଷର ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଲାଗି ରାଜ୍ୟ ସରକାର ଅଙ୍ଗନୱାଡି କେନ୍ଦ୍ର ଜରିଆରେ ଛତୁଆ ବାଣ୍ଟୁଛନ୍ତି। ହେଲେ ଏହି ଛତୁଆ ପ୍ରସ୍ତୁତ ସମୟରେ ପ୍ରସ୍ତୁତକାରୀ ଯତ୍ନବାନ ହେଉ ନ ଥିବାରୁ ଏଥିରୁ ବିଭିନ୍ନ ସମୟରେ ପୋକ ସହ ନିମ୍ନମାନର କରାଯାଇ ଦିଆଯାଉଛି। ଏଭଳି ଏକ ଅଭିଯୋଗ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଦାଇଁଲୋ ପଞ୍ଚାୟତର ପୁରୁଣା ଅଙ୍ଗନୱାଡ଼ି କେନ୍ଦ୍ର ପକ୍ଷରୁ ପିଲାଙ୍କ ଲାଗି ପ୍ରଦାନ କରାଯାଇଥିବା ଏକ ଛତୁଆ ପ୍ୟାକେଟରୁ ମଲା ବେଙ୍ଗ ବାହାରିଛି। ଯାହାକୁ ଦେଖି ଅଭିଭାବକ ଜଣକ ଆଶ୍ଚର୍ଯ୍ୟ ହେବା ସହ ଗୁରୁବାର ଅଭିଯୋଗ କରିଛନ୍ତି।

ଏହି ଅଙ୍ଗନୱାଡିରେ ପଢୁଥିବା ଜଣେ ପିଲାର ଅଭିଭାବକ ମନୋରଞ୍ଜନ ଦାସ ସିଡିପିଓ ଦୀପ୍ତିମୟୀ ପାତ୍ରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଯେଉଁ ଛତୁଆ ପ୍ୟାକେଟରୁ ମଲା ବେଙ୍ଗ ବାହାରି ଥିଲା ସେହି ପ୍ୟାକେଟ ପ୍ରଦାନ କରିଥିଲେ। ସିଡିପିଓ ଏହି ପ୍ୟାକେଟ ତାଙ୍କଠାରୁ ନରଖି ତଦନ୍ତ ସମୟରେ ଦେଖାଇବ ବୋଲି କହି ଫେରସ୍ତ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କୁ ଚଳିତ ମାସରେ ପିଲାଙ୍କ ଲାଗି ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଏକ ଛତୁଆ ପ୍ୟାକେଟ ଦିଆଯାଇଥିଲା। ଏହି ଛତୁଆ ପ୍ୟାକେଟ ସେମାନେ ଗତ ମଙ୍ଗଳବାର ଖୋଲିଥିଲେ। ପ୍ୟାକେଟରୁ ଛତୁଆ ବାହାର କରିବା ସମୟରେ ଏକ ମଲା ବେଙ୍ଗ ପ୍ୟାକେଟ ମଧ୍ୟରୁ ଦେଖିବାକୁ ପାଇଥିଲେ। ଛୁଟି ଥିବାରୁ ପିଲାର ବାପା ତଥା ଅଭିଭାବକ ୨ ଦିନ ପରେ ବ୍ଲକରେ ଅଭିଯୋଗ କରିବାକୁ ଆସିଥିଲେ। ବିଡିଓ ତପନ କୁମାର ସେନାପତିଙ୍କ ଅନୁପସ୍ଥିତିରେ ସେ ସିଡିପିଓ ପାତ୍ରଙ୍କୁ ଏହି ଅଭିଯୋଗ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ସିଡିପିଓ ପାତ୍ରଙ୍କୁ ପଚାରିବାରେ ସେ ଅଭିଯୋଗ ଗ୍ରହଣ କରିଛନ୍ତି। ଏହା ଏକ ସ୍ପର୍ଶକାତର ଘଟଣା ହୋଇଥିବାରୁ ତଦନ୍ତ ପରେ ଏ ସମ୍ପର୍କରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ୨୬ରେ ମହାସମାବେଶ ସଫଳ ପାଇଁ ଆହ୍ୱାନ



ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକମାନେ ଧାରଣା ଦେଇଛନ୍ତି।

ରଘୁନାଥପୁର, ୨୧।୯
(ରାଜେନ୍ଦ୍ର ନାରାୟଣ ସିଂହ)

## ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନ ୧୫ ଦିନରେ ପହଞ୍ଚିଲା

ପ୍ରାଥମିକ ଶିକ୍ଷକ ସଂଘ ଓଡ଼ିଶା ଆହ୍ୱାନ କ୍ରମେ ୩ ଦଫା ଦାବି ନେଇ ରଘୁନାଥପୁର ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସବୁବର୍ଗର ଶିକ୍ଷୟିତ୍ରୀଶିକ୍ଷକଙ୍କ ପକ୍ଷରୁ ଚାଲିଥିବା ଧାରଣା ୧୫ ଦିନରେ ପହଞ୍ଚିଛି। ଗୁରୁବାରଠାରୁ କେତେଜଣ ଶିକ୍ଷକ ସ୍କୁଲରେ ରାହୁଥିବାବେଳେ ଅଧିକାଂଶ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ବଳବତ୍ତର ରହିବ ବୋଲି ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ଭାସ୍କର ମୁଦୁଲି କହିଛନ୍ତି। ଅନ୍ୟପକ୍ଷେ ଜଣେ ପିଅନ ଦରମାଠାରୁ ଯୋଗ୍ୟତାର ଶୀର୍ଷରେ ଥିବା ଜଣେ ପ୍ରାଥମିକ ଶିକ୍ଷକଙ୍କ ଦରମା ଯଥେଷ୍ଟ କମ୍ ରହୁଛି। ଫଳରେ ଏହା ପିଲାଙ୍କ ଭବିଷ୍ୟତ ଗଢୁଥିବା ଶିକ୍ଷକଙ୍କ ମାନସିକ ସ୍ତରରେ ଗଭୀର ପ୍ରଭାବ ପକାଉଛି। ଏହାଛଡା ସରକାରଙ୍କ ପକ୍ଷରୁ ହୋଇଥିବା ଶିକ୍ଷକ ବର୍ଗୀକରଣ ଓ ଦରମାରେ ଅସଙ୍ଗତି ଶିକ୍ଷା ବ୍ୟବସ୍ଥା ପ୍ରତି ଶୁଭଙ୍କର ନୁହେଁ ବୋଲି ଧାରଣାକାରୀମାନଙ୍କ ପକ୍ଷରୁ କୁହାଯାଇଛି। ସେପ୍ଟେମ୍ବର ୨୬ରେ ଭୁବନେଶ୍ୱରରେ ହେବାକୁ ଥିବା ମହାସମାବେଶରେ ସବୁବର୍ଗର ଶିକ୍ଷକମାନେ ଯୋଗଦେବାକୁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଧାରଣାରେ ତରୁଣ କୁମାର ଜେନା, ସଞ୍ଜୟ କୁମାର ସ୍ୱାଇଁ, ବନମାଳୀ ସ୍ୱାଇଁ, ରତ୍ନାକର ବେହେରା, ବିରୂପାକ୍ଷ ସେଠୀ, ପ୍ରଶାନ୍ତ କୁମାର ରାଉତ, ଚିତ୍ରସେନ ସାହୁ, ଚତୁର୍ଭୁଜ ନାୟକ, ପରେଶ ମହାପାତ୍ର, ନବୀନ କୁମାର ମାରାଣ୍ଡି, ଉମାକାନ୍ତ ସିଂ, ଜ୍ଞାନରଞ୍ଜନ ଖଟୁଆ, ଶ୍ରୀଧର ପ୍ରଧାନ, ଶେଖ ସମିମ ଉଦ୍ଦିନଙ୍କ ସହ ବହୁ ଶିକ୍ଷକ ସାମିଲ ହୋଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶଶିକାନ୍ତ



@ ପ୍ରସନ୍ନ



@ ସନମ



@ ସୁବ୍ରତ



@ ଶୁଭମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିଖୋଜ ବନମାଳୀଙ୍କ ମୃତଦେହ ଜବତ

## କୁମ୍ଭୀର ଆକ୍ରମଣ କରିଥିବା ଅଭିଯୋଗ

ରାଜନଗର, ୨୧।୯
(ଭାସ୍କର ରାଉତରାୟ)

ରାଜନଗର ଥାନା ରାଜପୁର ଗ୍ରାମର ବନମାଳି ପାତ୍ର (୫୫) ୨ ଦିନ ତଳେ ଗାଁ ନିକଟସ୍ଥ ନଦୀ ତୁଠରେ ଶୌଚ ହେବାକୁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ରାଜପୁର ପଞ୍ଚାୟତ ନୂଆଗାଁ ବଳଭଦ୍ରପ୍ରସାଦ ନିକଟସ୍ଥ ଦାନ୍ତୁଆଣି ଯୋର ନିକଟରେ ତାଙ୍କ ମୃତଦେହ କ୍ଷତବିକ୍ଷତ ଅବସ୍ଥାରେ ଜବତ କରାଯାଇଛି। ବନମାଳିଙ୍କ ମୁଣ୍ଡ ଏବଂ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ରହିଛି। ଏ ସମ୍ପର୍କରେ ରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ରାଜନଗର ଥାନା ଆଇଆଇସି ଅଜୟ କୁମାର ଜେନା ବନମାଳିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୯/୨୩) ରୁଜୁ କରାଯାଇ ତଦନ୍ତ ଚାଲିଛି। ଅନ୍ୟପକ୍ଷେ ବନମାଳିଙ୍କ ପରିବାର ଏବଂ ଗ୍ରାମବାସୀ ଏ ସଂକ୍ରାନ୍ତରେ ବନବିଭାଗକୁ ଜଣାଇବା ସହିତ କୁମ୍ଭୀର ଆକ୍ରମଣରେ ଏପରି ଦୁଃଖଦ ଘଟଣା ଘଟିଛି ବୋଲି କହିଛନ୍ତି।

## ପାରାଦୀପ ବିଶ୍ୱକର୍ମା ପୂଜା ମହୋତ୍ସବର ପଞ୍ଚମ ଦିନ

# ବିଶ୍ୱକର୍ମା ତୋରଣ ଭ୍ରମ ସୃଷ୍ଟି କରିଛି ଗଣେଶ ମଣ୍ଡପ





ମଧୁବନରେ ହୋଇଥିବା ଗଣେଶ ପୂଜା ମଣ୍ଡପ।

ପାରାଦୀପ, ୨୧।୯ (ଶରତ ରାଉତ)

ପାରାଦୀପରେ ଏକାସାଙ୍ଗରେ ବିଶ୍ୱକର୍ମା ପୂଜା ମହୋତ୍ସବ ସହିତ ଗଣେଶ ପୂଜା ମଣ୍ଡପ ହୋଇଛି। ୩ ବର୍ଷ କରୋନା ଲାଗି ବିଶ୍ୱକର୍ମା ପୂଜା ବନ୍ଦ ରହିଥିଲା। ତେଣୁ ଚଳିତବର୍ଷ ବିଶ୍ୱକର୍ମା ପୂଜା ଆୟୋଜକ ସଂଖ୍ୟା କମିବା ସତ୍ତ୍ୱେ ପୂର୍ବବର୍ଷ ତୁଳନାରେ ଅଧିକ ଜନସମାଗମ ହୋଇଛି। ସେହି ବିଶ୍ୱକର୍ମା ତୋରଣ ଭଳି ଗଣେଶ ମଣ୍ଡପ ମଧ ହୋଇଛି। ମଧୁବନର ୩ଟି ଓ ନୂଆବଜାରଠାରେ ୨ଟି ମଣ୍ଡପକୁ ଲୋକମାନେ ବିଶ୍ୱକର୍ମା ତୋରଣ ଭାବି ଦେଖିବାକୁ ଯାଉଛନ୍ତି। ବିଶେଷକରି ମଧୁବନ କେନ୍ଦ୍ରୀୟ ବିଦ୍ୟାଳୟ ପାଖରେ ୨ଟି ତୋରଣ ଆକର୍ଷଣୀୟ ହୋଇଛି। ଚନ୍ଦ୍ରଯାନ ଭଳି ତୋରଣ ଓ ବୈଜ୍ଞାନିକଙ୍କ ଫଟୋ ନାମ ରହିଛି। ଅନ୍ୟଟି ରାମ ମନ୍ଦିର ଭଳି ହୋଇଛି।





ବାଣୀଧାରା ପକ୍ଷରୁ ଡ୍ରଗ୍ସ ନିଷେଧ ପାଇଁ ସଚେତନତା କରାଯାଉଛି।

## ନିଆରା ସେବା କରୁଛନ୍ତି ଯୁବଗୋଷ୍ଠୀ

ପାରାଦୀପ ଥାନା ଛକଠାରୁ ନୂଆବଜାର ହୋଟେଲ ଛକ ପର୍ଯ୍ୟନ୍ତ ବିଶ୍ୱକର୍ମା ତୋରଣ ହୋଇଛି। ଏହି ଅଞ୍ଚଳରେ ଲୋକଙ୍କ ଭିଡ଼ ହେବା ସହ ଉଠାବ୍ୟବସାୟୀ ଦୋକାନ ଖୋଲିଛନ୍ତି। ଏଥିରୁ ଉଦ୍‌ବୃତ୍ତ ଆବର୍ଜନା ସକାଳ ବେଳକୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସେସବୁ ଆବର୍ଜନା ପାରାଦୀପ ପୌରପାଳିକା ସଫେଇ କରୁଛି ହେଲେ ତାହା ପର୍ଯ୍ୟାପ୍ତ ହେଉନାହିଁ। ଏଥିରେ ଆରମ୍ଭରୁ ସହଯୋଗ କରୁଛନ୍ତି ନୀଳଚକ୍ର ଯୁଥ କ୍ଲବର ଯୁବଗୋଷ୍ଠୀ। ସକାଳୁ ଯୁବକମାନେ ହାତରେ ଗ୍ଲୋଭ୍ ପିନ୍ଧି ସଫେଇ କାମରେ ଲାଗି ପଡୁଥିବା ଦେଖିବାକୁ ମିଳିଛି। ଏହାର ନେତୃତ୍ୱ ନେଉଛନ୍ତି ପ୍ରକୃତିବନ୍ଧୁ ଇଂ. ଅମରେଶ ନରେଶ ସାମନ୍ତ। ପ୍ରତିଦିନ ପ୍ରାୟ ଦୁଇଟି ଟ୍ରାକ୍ଟର ବୋଝେଇ ହେଲା ଭଳି ଆବର୍ଜନା ସଫେଇ କରୁଛନ୍ତି ବୋଲି କ୍ଲବ ସଭାପତି ଦେବ ମଣ୍ଡଳ କୁହନ୍ତି। ଏଥିରେ ତାଙ୍କ ବନ୍ଧୁ ପରମ ବେହେରା, ବିକ୍ରମ ରାୟଙ୍କ ସମେତ ୮ ଜଣ ସହଯୋଗ କରୁଛନ୍ତି ବୋଲି ମଣ୍ଡଳ କହିଛନ୍ତି।

## ଫ୍ଲପ୍ ହେଲା ସାମର୍ଥ୍ୟ ମେଳା

ପୂଜା ଅଞ୍ଚଳର ବ୍ୟାଙ୍କ ଛକ ସବୁଠାରୁ ପ୍ରମୁଖ ସ୍ଥାନ। ସେଠାରେ ବନ୍ଦର ମେରାଇନ୍ ବିଭାଗ ଓ ୩ଟି ଟ୍ରକ ମାଲିକ ସଂଘ ତୋରଣ କରିଥା'ନ୍ତି। ଚଳିତବର୍ଷ ସେମାନେ ମଣ୍ଡପ କରିନାହାନ୍ତି। ସେହି ସ୍ଥାନ ଫାଙ୍କା ଥିଲା। ସେଠାରେ ପାରାଦୀପ ପୌର ପରିଷଦ ଏକ ପଲ୍ଲିଶ୍ରୀ ମେଳା ଭଳି ସାମର୍ଥ୍ୟ ମେଳା ଷ୍ଟଲ ଖୋଲିଛନ୍ତି। ପୂଜାର ମାତ୍ର ୪ଦିନ ପୂର୍ବରୁ ଏହି ମେଳା ଷ୍ଟଲ ନିର୍ମାଣ କରିବା ସହ ମିଶନଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାଗଣାରେ ନେଇ ବ୍ୟବସାୟ କରିବାକୁ ସୂଚନା ଦେଇଥିଲେ। ସ୍ୱଳ୍ପ ସମୟ ମଧ୍ୟରେ ଏସ୍‌ଏଚ୍‌ଜିମାନେ ପ୍ରସ୍ତୁତ ହୋଇ ପାରିଲେ ନାହିଁ, ଯେଉଁଥିପାଇଁ ୪୮ ଷ୍ଟଲରୁ ମାତ୍ର ୮ରୁ ୧୦ଟି ଖୋଲିଛି।



ସାମର୍ଥ୍ୟ ମେଳାର ଷ୍ଟଲଗୁଡ଼ିକ ଖାଲିପଡ଼ିଛି।

## ଡ୍ରଗ୍ସ ନିଷେଧ ପାଇଁ ସଚେତନତା କରୁଛି ବାଣୀଧାରା

ବିଶ୍ୱକର୍ମା ପୂଜା ମହୋତ୍ସବ ମଧ୍ୟରେ କୁଜଙ୍ଗ ଅଞ୍ଚଳର ପୁରାତନ ଅନୁଷ୍ଠାନ ବାଣୀଧାରା ନିଆରା ସଚେତନତା ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସାମର୍ଥ୍ୟ ମେଳା ପରିସରରେ ଏକ ଷ୍ଟଲ ଖୋଲି ଯୁବପିଢ଼ିଙ୍କୁ ଡ୍ରଗ୍ସ ଭଳି ମାରାତ୍ମକ ନିଶା କବଳରୁ ମୁକ୍ତି ପାଇଁ ପରାମର୍ଶ ଦେଉଛି। ସଙ୍ଗଠନର ମୁଖ୍ୟ ଆଇନଜୀବୀ ଗତିକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ଏହି ଅଭିଯାନ ଶାସକ, ପ୍ରଶାସକଙ୍କୁ ପ୍ରଭାବିତ କରିଛି। ପୂର୍ବତନ ଏମ୍‌ପି କୁଳମଣି ସାମଲ, ଡିଏସ୍‌ପି ସନ୍ତୋଷ ଜେନା, ପାରାଦୀପ ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ତୋରଣ ନ କରି କଲେ ସାଂସ୍କୃତିକ କାର୍ଯ୍ୟକ୍ରମ

ଚଳିତବର୍ଷ ବିଶ୍ୱକର୍ମା ତୋରଣ ନିର୍ମାଣ କରି ନ ଥିବା ସଙ୍ଗଠନ ମଧ୍ୟରେ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ଅନ୍ୟତମ। ପୂଜା ମହୋତ୍ସବ ୪ ଦିନ ଲୋକଙ୍କ ଭିଡ ଦେଖିବା ପରେ ସଂଘ ଉଦିଷ୍ଟ ଜାଗାରେ ଗୁରୁବାର ବିଶାଳକାୟ ସାଂସ୍କୃତିକ ମଣ୍ଡପ କରାଯାଇଛି। ସେଥିରେ ଆଗାମୀ ୨ଦିନ ଲୋକପ୍ରିୟ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ସଂଘ ସଭାପତି ବାପି ସର୍ଖେଲ ନିଜେ ମଞ୍ଚ ପାଖରେ ରହି ନେତୃତ୍ୱ ନେଉଥିବା ଦେଖିବାକୁ ମିଳିଛି।

# ଠେଙ୍ଗାପାଳିରେ ସୁରକ୍ଷା ଜଙ୍ଗଲକୁ ବିପଦ

■ ଫଳଗଛ ଉପାଡ଼ି କରାଗଲା ମାମଲା
■ ଚିନ୍ତାରେ ଦୁଡୁକିପାଜୁ ଜଙ୍ଗଲ ସୁରକ୍ଷାକାରୀ

ନୟାଗଡ଼,୨୧।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତ ଦୁଡୁକିପାଜୁ ଗାଁର ଆଦିବାସୀମାନେ ଠେଙ୍ଗାପାଳିରେ କରିଥିବା ଜଙ୍ଗଲ ସୁରକ୍ଷାକୁ ବିପଦ ମାଡି ଆସିଛି। ଦୁଡୁକିପାଜୁର ଗ୍ରାମ୍ୟ ଜଙ୍ଗଲ ପାଦଦେଶରେ ହୋଇଥିବା ଫଳଗଛକୁ ଉପାଡି ଦେଇ ଜଣେ ଲୋକ କୋର୍ଟରେ ମାମଲା କରିବା ପରେ ଜଙ୍ଗଲ ସୁରକ୍ଷାକାରୀଙ୍କ ଟେନସନ ବଢ଼ିଯାଇଛି। ଜଙ୍ଗଲକୁ କିପରି ସୁରକ୍ଷା ଦେବେ ସେନେଇ ଚିନ୍ତା ଘାରିଛି। ଏନେଇ ଦୁଡୁକିପାଜୁ ଜଙ୍ଗଲ ସୁରକ୍ଷା କମିଟି ସଭାପତି ପୀତାମ୍ବର ଜାନି କୁହନ୍ତି, ଆମ ଗାଁ ଜଙ୍ଗଲ ପଦା ହୋଇ ଚାଲିଥିଲା। ଧୀରେ ଧୀରେ ଆମ ରୋଜଗାର କମିବାରେ ଲାଗିଲା। ଜଙ୍ଗଲକୁ ସୁରକ୍ଷା ଦେବାକୁ ଗାଁରେ ସଭା ହେଲା। ଠେଙ୍ଗାପାଳି କରି ଜଙ୍ଗଲ ସୁରକ୍ଷା କରିବାକୁ ନିଷ୍ପତ୍ତି ହେଲା। ୨୦୧୯ରୁ ଦୁଡୁକିପାଜୁର ଆଦିବାସୀ ଏକାଠି ହୋଇ ଜଙ୍ଗଲ ଜଗିଲେ। ଗାଁରେ ୨୭ ପରିବାରର ୧୨୧ ଲୋକ ବାସ କରନ୍ତି। ପାଳି କରି ଜଙ୍ଗଲ ଜଗାଗଲା। ଆଦିବାସୀଙ୍କ ଜଙ୍ଗଲ ସୁରକ୍ଷା ଦେଖି ଆଖପାଖ ଅଞ୍ଚଳ ଲୋକ ଆଉ ଜଙ୍ଗଲ ପଦା କଲେ ନାହିଁ। ଧୀରେ ଧୀରେ ଆମର ଲାଭ ହେଲା। ଜଙ୍ଗଲରୁ ଆମେ ପୂର୍ବ ପରି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଚଳିଲୁ। କିଛି ମାସ ତଳେ ଜଙ୍ଗଲ ପାଦଦେଶରେ ଆମ୍ବ, କୋଳି ପରି ବିଭିନ୍ନ ପ୍ରକାର ୨୦୦ ଫଳ ଗଛ ରୋପଣ କରିଥିଲୁ। ଗଛଗୁଡିକ ମଧ୍ୟ ଠିକ୍‌ରେ ବଢୁଥିଲା। ତେବେ ଜଣେ ବ୍ୟକ୍ତି ଆସି ୫୦ରୁ ଉର୍ଦ୍ଧ୍ୱ ଫଳ ଗଛ ଉପାଡି ଜମିକୁ ତା'ର ବୋଲି ଦାବି କଲେ। ଜଙ୍ଗଲ ଭିତରେ ବ୍ୟକ୍ତିଗତ ଜମି ନ ଥିବାରୁ କାଗଜାତ ଦେଖାଇବାକୁ କହିଥିଲୁ। ହେଲେ ସେ କାଗଜାତ ନ ଦେଖାଇ ବିଭିନ୍ନ ପ୍ରକାର ଧମକ ଚମକ ଦେଇ ସରକାରୀ ଜମି ମୋର କହି ଜବରଦଖଲ କଲେ। ଏପରି କି ଆମ ଜଙ୍ଗଲ କମିଟି ବିରୋଧରେ କୋର୍ଟରେ ମାମଲା କରିଛନ୍ତି। ଆମେ ଜଙ୍ଗଲ ସହ ପ୍ରକୃତିର ସୁରକ୍ଷା କରିଛୁ। ହେଲେ ଆମକୁ ଅଯଥା ହଇରାଣ ହରକତ ନ କରିବାକୁ ଅନୁରୋଧ କରିଛୁ। ଜଙ୍ଗଲ କମିଟି ସମ୍ପାଦକ ମିନତୀ ଜାନି କୁହନ୍ତି, ଜଙ୍ଗଲ ଭିତରୁ ଫଳ ଗଛ ଉପାଡିବା ଠିକ୍ ନୁହେଁ। ଆଦିବାସୀ ଲୋକ ବୋଲି ଧମକଚମକ ଦେଇ କୋର୍ଟରେ ମାମଲା କରିବା ମଧ୍ୟ ଠିକ୍ ନୁହେଁ। ଦୁଡୁକିପାଜୁ ଗାଁର ପୁରୁଷ ଓ ମହିଳା ଆଦିବାସୀ ମିଳିତ ହୋଇ ଜଙ୍ଗଲ ସୁରକ୍ଷା ଦେଉଛନ୍ତି। ଜଙ୍ଗଲ ସୁରକ୍ଷା ଦେବା କ୍ଷେତ୍ରରେ ମହିଳା ଆଗରେ। କୋର୍ଟ କଚେରିର ଭୟ ଦେଖାଇଲେ ଆମେ ଜଙ୍ଗଲ ସୁରକ୍ଷାକୁ ଛାଡିବୁନି। ତେବେ ଜିଲାପାଳ ଓ ନୟାଗଡ଼ ଡିଏଫ୍‌ଓ ଆଦିବାସୀଙ୍କ ସମସ୍ୟାକୁ ବୁଝି ଏହାର ସମାଧାନ କରାଇବା ଦରକାର। ନଚେତ୍ ବହୁ କଷ୍ଟରେ ସୃଷ୍ଟି ହୋଇଥିବା ଠେଙ୍ଗାପାଳିରେ ଜଙ୍ଗଲ ଉଜୁଡି ଯିବ। ଜବରଦଖଲକାରୀ ପ୍ଲାନ କରି ଜଙ୍ଗଲ ଜମି ଜବରଦଖଲ କରି ନେବେ ବୋଲି କହିଛନ୍ତି।


ଠେଙ୍ଗାପାଳିରେ ସାମିଲ ହୋଇଥିବା ମହିଳା।

## ଏଡିଇଓ ଛାଡୁନାହାନ୍ତି ଡିଇଓଙ୍କ କ୍ୱାର୍ଟର୍ସ

**୩ଥର ଚିଠି କରିସାରିଲେଣି ଡିଇଓ**

ନୟାଗଡ଼,୨୧।୯(ଲୋକନାଥ ମିଶ୍ର)

ଜିଲା ଶିକ୍ଷା ଅଧିକାରୀ(ଡିଇଓ) ରାଜଶ୍ରୀ ପଟ୍ଟନାୟକଙ୍କ ସରକାରୀ କ୍ୱାର୍ଟର୍ସରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ ରହି ଆସୁଛନ୍ତି। କ୍ୱାର୍ଟର୍ସ ଖାଲି କରିବାକୁ ଡିଇଓ ୩ଟି ଚିଠି କରି ସାରିଥିଲେ ମଧ୍ୟ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କ୍ୱାର୍ଟର୍ସ ଛାଡୁ ନାହାନ୍ତି। ଅନ୍ୟପକ୍ଷେ ପୂର୍ବତନ ଡିଇଓ ଅକ୍ରୁର ବାରିକ ନିଜ କ୍ୱାର୍ଟର୍ସରେ ନ ରହିବାରୁ ଡିଇଓଙ୍କ କ୍ୱାର୍ଟର୍ସରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରହିଥିଲେ। ସରକାରୀ କ୍ୱାର୍ଟର୍ସ ମିଳୁ ନ ଥିବାରୁ ରାଜଶ୍ରୀ ପଟ୍ଟନାୟକ ଯିବା ଆସିବା କରୁଛନ୍ତି। ଏହାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି।

## ଟଙ୍କା ମଞ୍ଜୁର ହୋଇଛି, ରାସ୍ତା ଅବସ୍ଥା ସୁଧୁରୁନି

ଖଣ୍ଡପଡା,୨୧।୯
(ଅଜୟ କୁମାର ମହାରଣା)

ନୟାଗଡ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ଜଗନ୍ନାଥ ସଂସ୍କୃତିର ଆଦି ପୀଠ ପ୍ରଭୁ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ସଂଯୋଗ କରୁଥିବା ଖଣ୍ଡପଡା-କଣ୍ଟିଲୋ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ପ୍ରତି ବର୍ଷ ଆବଶ୍ୟକ ଅର୍ଥ ମଞ୍ଜୁର କରାଯାଉଛି। ମାତ୍ର ସେହି ରାସ୍ତାର ସୁଧାର ଆସୁ ନ ଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୁରାରେ କାମ ଯେନତେନ ପ୍ରକାରେ ଚାଲିଛି। ପ୍ରତିବର୍ଷ ଉକ୍ତ ରାସ୍ତାର ନବୀକରଣ ସହ ବର୍ଷର ବିଭିନ୍ନ ସମୟରେ ମରାମତି, ରାସ୍ତା ପାର୍ଶ୍ୱ ସଫେଇ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟ ହେଉଛି। ମାତ୍ର ରାସ୍ତା ନିର୍ମାଣ ବା ମରାମତିର କିଛି ଦିନ ପରେ ରାସ୍ତା ଉପରୁ ଚିପ୍‌ସ ଉଠିଯାଇ ରାସ୍ତା ଖାଲଖମାରେ ପୁରି ଯାଉଛି। ଏ ପରିପ୍ରେକ୍ଷୀରେ ଖଣ୍ଡପଡା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ ମା'ମଙ୍ଗଳାଙ୍କ ମନ୍ଦିର ପାର୍ଶ୍ୱ ରାସ୍ତା-ଖଳିସାହିକୁ ସଂଯୋଗ କରୁଥିବା ଉକ୍ତ ପୂର୍ତ୍ତ ବିଭାଗ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ଯାତାୟତରେ ଘୋର ସମସ୍ୟା ସୃଷ୍ଟି କରୁଛି। ବର୍ଷାରେ ସେହି ଖାଲରେ ପାଣି ଜମି ବିପଦ ସୃଷ୍ଟି କରୁଛି। ଅଜଣା ଗାଡ଼ି ଚାଳକ ପାଣି ଭର୍ତ୍ତି ଗାତରେ ଗାଡ଼ି ପକାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀମାନେ ରାସ୍ତାର ରକ୍ଷଣାବେକ୍ଷଣ ଦିଗରେ ଯତ୍ନବାନ ହେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡା ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ରାଧାଶ୍ୟାମ କାଲୋଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି, ଉକ୍ତ ରାସ୍ତା ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇସାରିଛି। ବର୍ଷା ଛାଡିବା ପରେ କାମ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲଦଣ୍ଡ

**ମା'ଝିଅଙ୍କୁ ଆକ୍ରମଣ ଘଟଣା**

ନୟାଗଡ,୨୧।୯(ଲୋକନାଥ ମିଶ୍ର)

ନୟାଗଡ ବିଚାର ବିଭାଗୀୟ ତଥା ସହକାରୀ ଜିଲା ଦୌରାଜଜଙ୍କ କୋର୍ଟରେ ଗୁରୁବାର ଘଡୁଆଳ ମା'ଝିଅଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ରାୟ ପ୍ରକାଶ ପାଇଛି। ୧୨ ଜଣଙ୍କ ସାକ୍ଷ, ବିଭିନ୍ନ ପ୍ରମାଣ, ସରକାରୀ ଓ ଅଭିଯୁକ୍ତ ଓକିଲଙ୍କ ଜବାବ ସୁଆଲକୁ ବିଚାରକୁ ନେଇ ଘଡୁଆଳ ଗାଁର ଦୀପକ ପାଳ(୨୮)ଙ୍କୁ ନୟାଗଡ ବିଚାର ବିଭାଗୀୟ ତଥା ସହକାରୀ ଜିଲା ଦୌରାଜଜ ଶ୍ରୁତିସ୍ନିଗ୍ଧା ଦାଶ ୭ ବର୍ଷ ଜେଲ ଦଣ୍ଡ ସହ ୩ ହଜାର ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୫ମାସ ଅଧିକ ଜେଲ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ପ୍ରମାଣ ଅଭାବରୁ ଦୀପକ ପାଳଙ୍କ ମା ବାପାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

ପ୍ରାପ୍ତ ସୂଚନା ଅନୁସାରେ ୨୦୨୨ ଡିସେମ୍ବର ୧ରେ ଘଡୁଆଳ ଗାଁର ଲକ୍ଷ୍ମୀପ୍ରିୟ ବଳିଆରସିଂହ ଓ ତାଙ୍କ ଝିଅଙ୍କୁ ଘଡୁଆଳ ଗାଁର ଦୀପକ ପାଳ, ଦୀପକଙ୍କ ବାପା ସାରଥି ଓ ମା ଜାନକୀ ମିଳିତ ଭାବେ ଆକ୍ରମଣ କରିଥିଲେ। ଲକ୍ଷ୍ମୀପ୍ରୀୟା ଓ ତାଙ୍କ ଝିଅ ଗୁରୁତର ହୋଇ ପ୍ରଥମେ ନୟାଗଡ ଓ ପରେ ଭୁବନେଶ୍ୱରରେ ଚିକିତ୍ସିତ ହୋଇଥିଲେ। ଏନେଇ ନୟାଗଡ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୦୨/୨୦୨୩) ରୁଜୁ କରି ପୁଅ, ବାପା ଓ ମାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବାପା ଓ ମା ଜାମିନରେ ଥିଲେ। ତେବେ ପୁଅ ଦୀପକ ପାଳ ଜେଲରେ ଥିଲେ। ସରକାରଙ୍କ ପକ୍ଷରୁ ଓକିଲ ପ୍ରଭାତ ଆଦିତ୍ୟ ବରାଳ ମୋକଦ୍ଦମା ପରିଚାଳନା କରିଥିଲେ।

## ପ୍ରଧାନଶିକ୍ଷକଙ୍କ ସମେତ ୬ ଶିକ୍ଷକଙ୍କ ଦରମା ବନ୍ଦ

**ଲୋଧାଚୁଆ ହାଇସ୍କୁଲ ପରଦର୍ଶନ କଲେ ଡିଇଓ**

ନୟାଗଡ଼,୨୧।୯(ଲୋକନାଥ ମିଶ୍ର)

ଜିଲା ଶିକ୍ଷା ଅଧିକାରୀ(ଡିଇଓ) ରାଜଶ୍ରୀ ପଟ୍ଟନାୟକ ଗୁରୁବାର ରଣପୁର ବ୍ଲକର ଲୋଧାଚୁଆ ଉଦ୍ୟନାଥ ହାଇସ୍କୁଲକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସମୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ, ୨ଜଣ ସହକାରୀ ଶିକ୍ଷକ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ୬ଜଣ ଶିକ୍ଷକ ସ୍କୁଲକୁ ଆସି ନ ଥିଲେ। ଡିଇଓ ଗୁରୁବାର ପୂର୍ବାହ୍ନ ୯.୫୦ରେ ହାଇସ୍କୁଲରେ ପହଞ୍ଚି ଶିକ୍ଷକମାନେ ଶୀଘ୍ର କି ବିଳମ୍ବରେ ଆସୁଥିବା ଅନୁଧ୍ୟାନ କରିଥିଲେ। ଶିକ୍ଷକମାନେ ବିଳମ୍ବରେ ଆସୁଥିବାର ଦେଖିବାକୁ ପାଇଲେ। ଏହା ପରେ ପ୍ରଧାନଶିକ୍ଷକଙ୍କ ସମେତ ୬ ଶିକ୍ଷକଙ୍କ ଦରମା ବନ୍ଦ କରିଛନ୍ତି। ପୁଣି ଦରଖାସ୍ତ ନ ଦେଇ କାହିଁକି ୬ ଶିକ୍ଷକ ବିଳମ୍ବରେ କିମ୍ବା ଅନୁପସ୍ଥିତ ରହୁଛନ୍ତି ସେନେଇ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

## ଜେଲ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଜେଲ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ନୟାଗଡ଼,୨୧।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ନୟାଗଡ଼ ସବ୍‌ଜେଲ ପରିସରରେ ଅନ୍ତେବାସୀଙ୍କ ପାଇଁ ଗୁରୁବାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶୁଭାରମ୍ଭ ହୋଇଛି। ଅନ୍ତେବାସୀମାନଙ୍କୁ ଯକ୍ଷ୍ମା , ଏଚ୍‌ଆଇଭି, ସିଫିଲିସ, ମଧୁମେହ, ହେପାଟାଇସି ସଂକ୍ରାନ୍ତରେ ସଚେତନ କରାଯାଇଛି। ଏଥିପାଇଁ ରୋଗୀମାନଙ୍କ ଆବଶ୍ୟକ ରକ୍ତ ନମୁନା, କଫ ଓ ମଳମୂତ୍ର ପରୀକ୍ଷା କରାଯାଇଥିଲା। ୬୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜେଲ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର କବି ଏହି ଶିବିରର ଶୁଭାରମ୍ଭ କରିଥିଲେ। ଡାକ୍ତର ଶରତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଶୁଭ୍ରଜ୍ୟୋତି ଷଡ଼ଙ୍ଗୀ, ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ ଦଳବେହେରା , ପରାମର୍ଶଦାତା ଦେବାଶିଷ ସିଂ,ଅଶୋକ ନାୟକ, କଳ୍ପନା ନାୟକ, ଏଲଟି ରଞ୍ଜିତ ନାୟକ, ଗୀତା ପଟ୍ଟନାୟକ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ଜେଲ କର୍ମଚାରୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଶଶିକାନ୍ତ



@ ପ୍ରସନ୍ନ


@ ସନମ


@ ସୁବ୍ରତ


@ ଶୁଭମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମୋବାଇଲ ଟାୱାର କାମ ଅଧାପନ୍ତରିଆ

ନୂଆଗାଁ,୨୧।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କ ପାଇଁ ନିର୍ମାଣ କରାଯାଉଥିବା ମୋବାଇଲ ଟାୱାର କାମ ଦୀର୍ଘ ମାସ ହେଲା ଅଧାପନ୍ତରିଆ ଭାବେ ପଡିରହିଛି। ଏ ସଂକ୍ରାନ୍ତରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଗଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଥିପାଇଁ ନୂଆଗାଁ ବ୍ଲକର ଗୁମି, ଡିମିରିପଲି, ବରକୋଳା, କାପ୍ତାପଲି, ଫାମ୍ପୁଣି, ଗୁନାମାଟି ସାନଡାମନାଡୁ ଆଦି ଆଦିବାସୀ ଅଞ୍ଚଳବାସୀ ମୋବାଇଲ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଉପରୋକ୍ତ ଅଞ୍ଚଳରେ ହାଇସ୍କୁଲ, ଡାକ୍ତରଖାନା, ପଞ୍ଚାୟତ କାର୍ଯ୍ୟାଳୟ ଆଦି ରହିଥିଲେ ମଧ୍ୟ ମୋବାଇଲ ସେବା ନ ଥିବାରୁ କୌଣସି ଅନ୍‌ଲାଇନ କାମ ହୋଇପାରୁ ନାହିଁ। ଏପରି କି ସରକାରୀ କାର୍ଯ୍ୟ ମଧ୍ୟ କରାଯାଇ ପାରୁନାହିଁ। ଛାତ୍ରୀଛାତ୍ରମାନଙ୍କୁ ଡିଜିଟାଲ ମାଧ୍ୟମରେ ଶିକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ମୋବାଇଲ ଟାୱାର ନ ଥିବାରୁ ଡିଜିଟାଲ ପାଠପଢା ମଧ୍ୟ ହୋଇପାରୁ ନାହିଁ। ତେଣୁ ମୋବାଇଲ ଟାୱାର ନିର୍ମାଣ ପାଇଁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ଅଞ୍ଚଳବାସୀ ଗୁହାରି କରିଥିଲେ। ବିଧାୟକ ବେହେରାଙ୍କ ଉଦ୍ୟମରେ ଗୁମି ପଞ୍ଚାୟତର ବରଡିହି ଓ କାପ୍ତାପଲି ପଞ୍ଚାୟତର ଫାମ୍ପୁଣି ନିକଟରେ ଟାୱାର ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଏସ୍‌ଏନ୍‌ଏଲ କମ୍ପାନୀର କର୍ମଚାରୀମାନେ ଆସି ଟାୱାର ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ। ଇତିମଧ୍ୟରେ ୬ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଥିଲେ ମଧ୍ୟ କେବଳ ଟାୱାରର ମୂଳ ପିଲାର କାମରେ ଅଟକି ରହିଛି। ଲୋକମାନଙ୍କୁ ମୋବାଇଲ ସେବା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଛି।


ଅଧାପନ୍ତରିଆ ଭାବେ ପଡି ରହିଛି ମୋବାଇଲ ଟାୱାର କାମ।

## ଆଶ୍ରମ ସ୍କୁଲରେ ଅବ୍ୟବସ୍ଥା

■ ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ
■ ଶିକ୍ଷକଙ୍କୁ ସୁରକ୍ଷା ଦେଉଛନ୍ତି ବିଭାଗୀୟ ଅଧିକାରୀ

ନୂଆଗାଁ,୨୧।୯(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଥିବା ଆଶ୍ରମ ବିଦ୍ୟାଳୟଗୁଡ଼ିକ ନାନା ଅନିୟମିତତାରେ ଚାଲିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ସମ୍ପୃକ୍ତ କର୍ମଚାରୀଙ୍କୁ ଅଧିକାରୀ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି।

ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କ ପାଠପଢ଼ା ନିମନ୍ତେ ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଆଶ୍ରମ ବିଦ୍ୟାଳୟ ଓ ହଷ୍ଟେଲ ପ୍ରତିଷ୍ଠା କରାଯାଇଛି। ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଓ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରମାନଙ୍କୁ ପୋଷାକ, ପୁଷ୍ଟିକର ଖାଦ୍ୟ, ପୁସ୍ତକ ଆଦି ସରକାର ମାଗଣାରେ ଯୋଗାଇ ଦେଉଛନ୍ତି। ଏପରି କି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ସରକାର ଅନୁଦାନ ଦେଉଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସଭାସମିତି ଆଦି କାର୍ଯ୍ୟକ୍ରମ କରିବା ପାଇଁ ସରକାର ଅନୁଦାନ ପ୍ରଦାନ କରୁଛନ୍ତି। କିନ୍ତୁ କେତେଜଣ ଅସାଧୁ ଶିକ୍ଷକ ଓ କର୍ମଚାରୀଙ୍କ ଯୋଗୁ ସେହି ସୁବିଧା ସୁଯୋଗ ପାଇବାରୁ ଛାତ୍ରୀଛାତ୍ର ବଞ୍ଚିତ ହେଉଛନ୍ତି ବୋଲି ମତ ପ୍ରକାଶ ପାଇଛି।

ଆଶ୍ରମ ବିଦ୍ୟାଳୟଗୁଡିକରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଧୁମଧାମରେ ପାଳନ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହି କାର୍ଯ୍ୟକ୍ରମ ନିମନ୍ତେ ଟେଣ୍ଡର କରିବା ସହ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ସରକାର ୧୫ ହଜାର ଟଙ୍କା ପ୍ରଦାନ କରିଥାଆନ୍ତି। ସେଦିନ ସମସ୍ତ ଛାତ୍ରୀଛାତ୍ରଙ୍କୁ ଭୋଜିଭାତ ଦେବା ପାଇଁ ମୁଣ୍ଡ ପିଛା ୫୦ ଟଙ୍କା ଅନୁଦାନ ମିଳୁଛି। କିନ୍ତୁ ସେଥିରୁ ମାତ୍ର ଅଳ୍ପ କିଛି ଅର୍ଥରେ ସ୍କୁଲ ପରିସରରେ କାମଚଳା କାର୍ଯ୍ୟକ୍ରମ କରି ସବୁ ଅନୁଦାନ ଲୁଟିବାର ପ୍ରୟାସ କରାଯାଉଛି। ଏପରି କି ଛାତ୍ରୀଛାତ୍ରମାନଙ୍କ ପାଇଁ ଆସୁଥିବା ଅର୍ଥକୁ ଦାୟିତ୍ୱରେ ଥିବା ଶିକ୍ଷକ ଲୁଟୁଥିବା ଅଭିଯୋଗ ହେଉଛି। ଶୌଚାଳୟରେ ବ୍ଲିଚିଂ ପାଉଡର, ଫିନାଇଲ ଆଦି ବ୍ୟବହାର କରିବା ନିର୍ଦ୍ଦେଶ ରହିଥିଲେ ମଧ୍ୟ ତାହା କରାଯାଉନାହିଁ। ଏସବୁ ବିଭାଗୀୟ ଅଧିକାରୀ ଦେଖିବାର ନିୟମ ରହିଛି। ହେଲେ ଦାୟିତ୍ୱରେ ଥିବା ଶିକ୍ଷକ ଓ କର୍ମଚାରୀମାନେ ସେଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି।

ଗୁରୁବାର କାର୍ଯ୍ୟ ଦିବସରେ ଜାକେଡା ପଞ୍ଚାୟତରେ ଥିବା ବାଡିବାରି ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍କୁଲକୁ ଆସି ଏଣେତେଣେ ବୁଲୁଥିଲେ। ଏହାର କାରଣ ମଧ୍ୟାହ୍ନ ୧୨ଟା ସୁଦ୍ଧା ଶିକ୍ଷକ ସ୍କୁଲକୁ ଆସି ନ ଥିଲେ। ନୂଆଗାଁ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ପଦବୀ ଖାଲିପଡିଛି। ଜିପିଓ ସାଧୁଚରଣ ସାହୁ ସେହି ଦାୟିତ୍ୱରେ ରହିଛନ୍ତି। ଏହି ସୁଯୋଗରେ ଜିପିଓ ସାହୁଙ୍କୁ ନ ଜଣାଇ କାମଚଳା କାର୍ଯ୍ୟ ଚାଲିଛି। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସେ ଶିକ୍ଷକଙ୍କ ସପକ୍ଷରେ ଯୁକ୍ତି ବାଢିଥିଲେ। ଏପରି କି ସେ ସ୍କୁଲ ପାଇଁ ବଜାର ସଉଦା କରୁଥିବେ ବୋଲି କହି ସଫେଇ ଦେଇଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଜିଲା ମଙ୍ଗଳ ଅଧିକାରୀ ନାୟକଙ୍କୁ ପଚାରିବା ପାଇଁ ତାଙ୍କୁ ଫୋନ୍(ନଂ ୯୪୩୭୫୫୫୫୧୨) କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ।

